# କେବିକେରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

## ଓଡ଼ିଶା ପ୍ରସ୍ତାବରେ କେନ୍ଦ୍ର ରାଜି ● ଆଇଆଇଟି ଓ ଆଇଆଇଏମ ଉପରେ ନିଷ୍ପତ୍ତି ଖୁବଶୀଘ୍ର ● ଭୁବନେଶ୍ୱର ଓ ପୁରୀକୁ ବିଶ୍ୱଶ୍ରେଣୀର ସହର କରାଯିବ

ଭୁବନେଶ୍ୱର, ତା୨୩/୧ (ନି.ପ୍ର)– କେବିକେ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରସ୍ତାବକୁ କେନ୍ଦ୍ର ମାନବ ସମ୍ବଳ ବିଭାଗ ଗ୍ରହଣ କରିବା ସହ ଏଥିପାଇଁ ରାଜି ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସେହିପରି ମନ୍ଦିରମାଳିନୀ ସହର ଭୁବନେଶ୍ୱର ଓ ପୁଣ୍ୟ ପୀଠ ପୁରୀକୁ ବିଶ୍ୱଶ୍ରେଣୀର ସହରରେ ପରିଣତ କରିବାକୁ କେନ୍ଦ୍ର ସହରାଞ୍ଚଳ ଉନ୍ନୟନ ମନ୍ତ୍ରଣାଳୟ ଯଥାସମ୍ଭବ ସହାୟତା ଯୋଗାଇଦେବ ବୋଲି ସେହି ବିଭାଗର ମନ୍ତ୍ରୀ ଏସ. ଜୟପାଲ ରେଡ୍ଡି ପ୍ରତିଶ୍ରୁତି ଦେଇଛନ୍ତି। ଜବାହରଲାଲ ନେହେରୁ ନ୍ୟାସନାଲ ଅର୍ବାନ ରିନ୍ୟୁଆଲ ମିଶନ ଜରିଆରେ ରାଜ୍ୟକୁ ୨୫୦୦ କୋଟି ଟଙ୍କା ଓ ମଧ୍ୟମ ଓ ଛୋଟ ସହରର ଭିତ୍ତିଭୂମି ବିକାଶ ଯୋଜନାରେ ରାଜ୍ୟକୁ ୧୦୦୦ କୋଟି ଟଙ୍କା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡିଙ୍କ ନିକଟରେ ଦାବି କରିଛନ୍ତି। ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସହାୟତା ଯୋଗାଇଦେବାକୁ ଶ୍ରୀ ରେଡ୍ଡି ପ୍ରତିଶ୍ରୁତି ଦେଇଥିଲେ।

ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କେନ୍ଦ୍ର ମାନବ

● ପୃଷ୍ଠା ୨ ଦେଖନ୍ତୁ